## ସଂକ୍ଷେପରେ

### ହଟୁନି ବିପଦସଙ୍କୁଳ ଖୁଣ୍ଟ



**ଢେଙ୍କାନାଳ ଅଫିସ, ୬।୪:** ଢେଙ୍କାନାଳ ପୌରାଞ୍ଚଳର ୧୫ନଂ. ୱାର୍ଡ ଜଲାରାମ ହୋଟେଲ ପାର୍ଶ୍ୱ ଗଳିରେ ଏକ ଟେଲିଫୋନ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଢଳିରହିଛି। କୌଣସି ମୁହୂର୍ତ୍ତରେ ଉକ୍ତ ଖୁଣ୍ଟ ଭାଙ୍ଗି ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ଉକ୍ତ ଖୁଣ୍ଟକୁ ତୁରନ୍ତ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଏଭଳି ଅନେକ ବିଜୁଳି ଓ ଟେଲିଫୋନ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେସବୁକୁ ତୁରନ୍ତ ହଟାଇବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।

### ହାତୀ ଆକ୍ରମଣରେ ଯୁବକ ମୃତ

**ଢେଙ୍କାନାଳ ଅଫିସ, ୬।୪:** ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆମ୍ବପଡ଼ା ଗ୍ରାମର ରାଜେନ୍ଦ୍ର ମଲିକ (୪୧)। କୌଣସି କାମରେ ରାଜେନ୍ଦ୍ର ଜଙ୍ଗଲକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ସ୍ଥାନୀୟ ପୋଲିସ, ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ଗଁଦିଆ ଥାନାରେ ନଂ. ୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆସନ୍ତା ୮ ତାରିଖ ସୁଦ୍ଧା ମୃତବ୍ୟକ୍ତିଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

### ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

**କାମାକ୍ଷାନଗର, ୬।୪(ଡି.ଏନ୍.ଏ.):** କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଦେହୁରୀହତା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜେଶ କୁମାର ଦେହୁରୀ, ସମ୍ପାଦକ ଟୁକୁନ ବିଶ୍ୱାଳ, କୋଷାଧ୍ୟକ୍ଷ ଅରବିନ୍ଦ ପାଲ, ଉପସଭାପତି ଦୀପେଶ ପଣ୍ଡା, ସହସମ୍ପାଦକ ଭାବେ ସୁବାସ ପଧାନ ନିର୍ବାଚିତ ହୋଇଛନ୍ତି। ଦିବ୍ୟସିଂହ ଦେହୁରୀ, ବୀରବର ସାହୁ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ଅସହାୟ ଲୋକଙ୍କ ସ୍ୱର ହେବା, ଅନ୍ୟାୟର ମିଳିତ ପ୍ରତିବାଦ କରିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଜେଡି ପାଖରେ ମ୍ୟାଜିକ୍ ସଂଖ୍ୟା

ଢେଙ୍କାନାଳ ଅଫିସ୍, ୬।୪

- ଆଜି ପୌର ଉପାଧ୍ୟକ୍ଷ ନିର୍ବାଚନ
- ଦୌଡରେ ବିଜେଡିର ୩ ଆଶାୟୀ
- ନିରୋଦଙ୍କୁ ପ୍ରାର୍ଥୀ କରିବ ଭାଜପା
- ଶଙ୍ଖ ଧରିଲେ ସ୍ୱାଧୀନ କାଉନ୍ସିଲର



ଢେଙ୍କାନାଳ ଜିଲାର ଗୋଟିଏ ମ୍ୟୁନିସିପାଲିଟି, ଦୁଇଟି ଏନ୍ଏସିରେ ଗୁରୁବାର ଉପାଧ୍ୟକ୍ଷ ଏବଂ ଉପନଗରପାଳ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସମ୍ପୃକ୍ତ ୩ ପୌରାଞ୍ଚଳରେ ବିଜେଡି ହାତରେ ମ୍ୟାଜିକ୍ ସଂଖ୍ୟା ରହିଛି। ନିକଟରେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି କରାଯାଇଥିବା ନୂତନ ନିୟମ କ୍ରସ୍ ଭୋଟିଂ ଆଶଙ୍କାକୁ ଦୂରେଇଥିବା ବେଳେ ସମସ୍ତ ୩ ପୌରାଞ୍ଚଳରେ ଉପାଧ୍ୟକ୍ଷ ଏବଂ ଉପନଗରପାଳ ପଦବୀ ହାତେଇବା ଲାଗି ବିଜେଡି ଦୃଢ଼ ଆଶାବାଦୀ ଅଛି। ସେହିପରି ଢେଙ୍କାନାଳ ଏବଂ ଭୁବନରେ ଶାସକ ଦଳ ସହିତ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲା ଭାଜପା। ହାତରେ ଆବଶ୍ୟକ ସଂଖ୍ୟା ନ ଥିଲେ ମଧ୍ୟ ଏହି ଦୁଇସ୍ଥାନରେ ପ୍ରାର୍ଥୀ ଦେବାକୁ ସ୍ଥିର କରିଛି ଦଳ। ଅନ୍ୟପଟେ କାମାକ୍ଷାନଗରରେ ବିରୋଧୀ ମୂଳପୋଛ ହୋଇଯାଇଥିବାରୁ ନିର୍ବାଚନ କେବଳ ଆନୁଷ୍ଠାନିକ ହେବ ବୋଲି ସ୍ପଷ୍ଟ ହୋଇଛି।

ନିକଟରେ ଶେଷ ହୋଇଥିବା ପୌର ନିର୍ବାଚନରେ ଢେଙ୍କାନାଳ ମ୍ୟୁନିସିପାଲିଟିର ୨୩ ୱାର୍ଡ ମଧ୍ୟରୁ ୧୩ଟି ବିଜେଡି, ୯ଟି ଭାଜପା ଏବଂ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଇତିମଧ୍ୟରେ ବୁଧବାର ୧୪ନଂ. ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ବଂଶୀଧର ଦଳେଇ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ଉପସ୍ଥିତିରେ ଶଙ୍ଖ ଧରିଛନ୍ତି। ଏହାପରେ ବିଜେଡି ପାଖରେ ୧୪ କାଉନ୍ସିଲରଙ୍କ ସମର୍ଥନ ରହିଥିବା ସ୍ପଷ୍ଟ ହୋଇଛି। ବିଜେଡି ଉପାଧ୍ୟକ୍ଷ ପଦବୀ ଦୌଡ଼ରେ ୬ନଂ. ୱାର୍ଡର ସନ୍ଦୀପ ଷଡ଼ଙ୍ଗୀଙ୍କ ନାମ ଆଗରେ ଥିବା ଚର୍ଚ୍ଚା ହେଉଛି। ସେହିପରି ୭ନଂ. ୱାର୍ଡର ସସ୍ମିତା ଭଞ୍ଜ, ୧୩ନଂ. ୱାର୍ଡର ସାଗିର ମହମ୍ମଦ ମଧ୍ୟ ଏହି ପଦବୀ ଦୌଡ଼ରେ ଅଛନ୍ତି। ତେବେ ପୌରାଧ୍ୟକ୍ଷ ପଦବୀ ଭାଜପା ହାତେଇଥିବାରୁ ଏହାର ମୁକାବିଲା ପାଇଁ ବିଜେଡି ଜଣେ ଯୁବ କାଉନ୍ସିଲରଙ୍କୁ ଉପାଧ୍ୟକ୍ଷ କରାଇବା ପାଇଁ ଯୋଜନା କରୁଛି। ବିଜେଡିର ସମସ୍ତ କାଉନ୍ସିଲର ଅଜ୍ଞାତବାସରେ ଥିବାବେଳେ ଗୁରୁବାର ନିର୍ଦ୍ଧାରିତ ସମୟରେ ଢେଙ୍କାନାଳ ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପହଞ୍ଚି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଧାୟକ ସାମଲ କୁହନ୍ତି, ପୌର ଉପାଧ୍ୟକ୍ଷ ପଦବୀ ଲାଗି ୩ଜଣ ଆଶାୟୀ ଅଛନ୍ତି। ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ। ଅପରପକ୍ଷେ ଭାଜପା ପକ୍ଷରୁ ୧୫ନଂ. ୱାର୍ଡର ଦଳୀୟ କାଉନ୍ସିଲର ନୀରୋଦ ସାହୁଙ୍କୁ ଉପାଧ୍ୟକ୍ଷ ପଦବୀରେ ପ୍ରାର୍ଥୀ କରାଯିବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

### ନୂଆ ନିୟମ ଶାସକ ଦଳକୁ ଫାଇଦା

ପୂର୍ବରୁ ପୌର ଉପାଧ୍ୟକ୍ଷ ପଦବୀରେ ହେଉଥିବା ନିର୍ବାଚନରେ କ୍ରଶ୍ ଭୋଟିଂ ରାଜନୈତିକ ଦଳ ପାଇଁ ମୁଣ୍ଡବ୍ୟଥା ବଢ଼ାଇଥିଲା। ସଂଖ୍ୟାଗରିଷ୍ଠତା ଥିବା ସତ୍ତ୍ୱେ ଏହି କାରଣରୁ ଅନେକ ସମୟରେ ପଦବୀ ହାତଛଡ଼ା ହୋଇଯାଉଥିଲା। ନିକଟରେ ରାଜ୍ୟ ନିର୍ବାଚନ କମିଶନଙ୍କ ନୂତନ ନିୟମ କ୍ରଶ ଭୋଟିଂ ଭୟ ଅନେକାଂଶରେ ଦୂରେଇଛି। ନୂଆ ନିୟମ ଅନୁଯାୟୀ ଉପାଧ୍ୟକ୍ଷ/ଉପନଗରପାଳ ନିର୍ବାଚନ ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ଜଣେ ପ୍ରତିନିଧିଙ୍କୁ ନିଯୁକ୍ତି କରିବେ। ଦଳର କାଉନ୍ସିଲର ଉପାଧ୍ୟକ୍ଷ/ଉପନଗରପାଳ ପ୍ରାର୍ଥୀଙ୍କୁ ଭୋଟଦାନ କରିବା ପରେ ସମ୍ପୃକ୍ତ ପ୍ରତିନିଧିଙ୍କୁ ବାଲଟ୍ ପେପର ଦେଖାଇ ଭୋଟ ବାକ୍ସରେ ପକାଇବେ। ଢେଙ୍କାନାଳ ପୌରାଞ୍ଚଳରେ ବିଜେଡି ପାଖରେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ରହିଥିବାରୁ ଏହି ନିୟମ ଶାସକ ଦଳକୁ ଫାଇଦାରେ ରଖିବ ବୋଲି ଚର୍ଚ୍ଚା ହେଉଛି।

### ଭୁବନରେ ପ୍ରାର୍ଥୀ ଦେବ ଭାଜପା

ଭୁବନ, ୬।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଉପନଗରପାଳ ନିର୍ବାଚନରେ ଭାଜପା ପ୍ରାର୍ଥୀ ଦେବ ବୋଲି ସ୍ପଷ୍ଟ କରିଛି। ଅପରପକ୍ଷେ ନଗରପାଳ ପଦବୀରେ ବିପୁଳ ବିଜୟ ହାସଲ କରିଥିବା ବିଜେଡି ହାତରେ ଆବଶ୍ୟକ ସଂଖ୍ୟା ଥିବାରୁ ଉପନଗରପାଳ ପଦବୀ ମଧ୍ୟ ହାତେଇବୁ ବୋଲି ଦଳୀୟ ନେତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭୁବନ ଏନ୍ଏସି ପୌର ନିର୍ବାଚନରେ ବିଜେଡି-ଭାଜପା ମଧ୍ୟରେ ତୀବ୍ର ଲଢ଼େଇ ହୋଇଥିଲା। ମୋଟ୍ ୧୫ ୱାର୍ଡ ମଧ୍ୟରୁ ୮ଟିରେ ବିଜେଡି ଏବଂ ୭ଟିରେ ଭାଜପା କାଉନ୍ସିଲର ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏ ନେଇ ଏନ୍ଏସି ବିଜେଡି ସଭାପତି ନନ୍ଦକିଶୋର ସାହୁ କୁହନ୍ତି, ଆମ ହାତରେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ରହିଛି। ଦଳୀୟ ମୁଖ୍ୟଙ୍କ ନିର୍ଦ୍ଦେଶରେ ଉପନଗରପାଳ ପ୍ରାର୍ଥୀ ଚୟନ କରାଯାଇଛି। ତେବେ ତାଙ୍କ ନାମ ଗୋପନ ରଖାଯାଇଛି। ଉପନଗରପାଳ ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି। ଏ ନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା କୁହନ୍ତି, ଫଳାଫଳ ଯାହା ବି ହେଉ ଦଳ ପକ୍ଷରୁ ଉପନଗରପାଳ ନିର୍ବାଚନରେ ପ୍ରାର୍ଥୀ ଦିଆଯିବ।

# 'ବିଜ୍ଞାନମନସ୍କ ହୁଅ'




ଅତିଥିଙ୍କ ଉପସ୍ଥିତିରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୬।୪

ଢେଙ୍କାନାଳ ସୁଲକ୍ଷଣା ଦେବୀ ହାଇସ୍କୁଲରେ ସଦର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ସୈନିକ, କୃଷକ, ବିଜ୍ଞାନର ବିକାଶ ହେଲେ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଇଓ ବ୍ରହ୍ମାନନ୍ଦ ରାଉତ ଅଧ୍ୟକ୍ଷତା କରି କହିଲେ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଜୀବନକୁ ସୁରକ୍ଷିତ କରିଛି। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ, ରାଧାଦେଈପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବନବିହାରୀ ବାରିକ ଯୋଗଦେଇ ବିଜ୍ଞାନର ସଦୁପଯୋଗ, ବିଜ୍ଞାନ ପ୍ରଦର୍ଶନୀର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରଦର୍ଶନୀରେ ୭୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିମିଳିଆ ବିଦ୍ୟାଳୟର ଛାତ୍ର ସୂର୍ଯ୍ୟନାରାୟଣ ପୃଷ୍ଟି, ବଣସିଂହ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ସ୍ୱାଇଁ, ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶୁତୋଷ ତ୍ରିପାଠୀ, ଫକୀରମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ସାହୁ, ବାରଦା ଶ୍ରୀ ଅରବିନ୍ଦ ସମନ୍ୱିତ ଶିକ୍ଷାକେନ୍ଦ୍ର ଛାତ୍ରୀ ପ୍ରଜ୍ଞାସିନୀ ବେହେରାଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି।

ବିଇଓ ଅଦ୍ୱୈତ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁ, ଅଙ୍କରାନ୍ତିପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମଲ୍ଲିକ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ, ମାନସ ସାହୁଙ୍କ ସଂଯୋଜନାରେ ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏବିଇଓ ଦେବବ୍ରତ ନାଥ, ଭଗବାନ ବେହେରା, ଶିକ୍ଷକ ପ୍ରଶାନ୍ତ ପଣ୍ଡା, ଦେବୀପ୍ରସାଦ ମିଶ୍ର, ବିଷ୍ଣୁ ମଲ୍ଲିକ, ବିଚିତ୍ରାନନ୍ଦ ବେହେରା, ଲାଲୁ ପ୍ରସାଦ ସେନ୍, ଶିକ୍ଷୟିତ୍ରୀ ସୁଲୋଚନା ଭୂତିଆ, ରୂପାଲି ସିଂଙ୍କ ସମେତ ଶିକ୍ଷା ବିଭାଗର ବହୁ ଅଧିକାରୀ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ଜଣେ ଶହୀଦଙ୍କ ସମ୍ପର୍କୀୟଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଉଛି।

ସାତମାଇଲ, ୬।୪(ଡି.ଏନ୍.ଏ.)

ଦେଶମାତୃକା ସେବାରେ ଜୀବନ ବଳିଦାନ ଦେଇଥିବା ହିନ୍ଦୋଳ ଉପଖଣ୍ଡର ଅମର ଶହୀଦଙ୍କୁ ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ଏନ୍ସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାରନ୍ଦାର ଶହୀଦ ନାଏକ ନଟବର ସାହୁ, କଲଣ୍ଡାର ଶହୀଦ ଲାନ୍ସ ନାଏକ ସୁବାସ ଚନ୍ଦ୍ର ପ୍ରଧାନ, ନୂଆକୋଟର ଶହୀଦ ସିପାହୀ ବୁଦ୍ଧିଆ ଗୋଛାୟତଙ୍କ ଫଟୋଚିତ୍ରରେ କ୍ୟାଡେଟ୍ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦଙ୍କ ସମ୍ମାନରେ ବିଭିନ୍ନ ସ୍ଥାନରେ ସ୍ମୃତିସ୍ତମ୍ଭ, ପ୍ରତିମୂର୍ତ୍ତି, ପାଠାଗାର ନିର୍ମାଣ ଏବଂ ଚାରାରୋପଣ କରିବାକୁ ସମ୍ପୃକ୍ତ ଯବାନଙ୍କ ପରିବାରକୁ ଅନୁରୋଧ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ସ୍ମୃତିଫଳକକୁ ୧୨-ଓଡ଼ିଶା ବାଟାଲିୟନର ସେନା ଅଧିକାରୀଙ୍କ ଉପସ୍ଥିତିରେ ଏନ୍ସିସି ଅଫିସର କ୍ୟାପଟେନ୍ କିଶୋର ପୃଷ୍ଟି ଶହୀଦଙ୍କ ପରିବାରକୁ ଅର୍ପଣ କରିଥିଲେ। ସୁବେଦାର ମେଜର କରଣ ସିଂ, ସୁବେଦାର ଯଶବୀର ସିଂ, ହାବିଲଦାର ଚନ୍ଦ୍ର ସିଂ ଉପସ୍ଥିତ ଥିଲେ। କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ଜାଲରେ କିରାଣି

ଭୁବନ, ୬।୪(ଡି.ଏନ୍.ଏ.)



ବିଧୁ ପ୍ରସାଦ ବେହେରା।

**ଟ୍ୟୁମର ଆକ୍ରାନ୍ତ ଶିକ୍ଷୟିତ୍ରୀଙ୍କଠାରୁ ନେଉଥିଲେ ଲାଞ୍ଚ**

ଟ୍ୟୁମର ଆକ୍ରାନ୍ତ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିରାଣି ବିଧୁ ପ୍ରସାଦ ବେହେରା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗଁଦିଆ ବ୍ଲକ ଅଞ୍ଚଳରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି।

ଭୁବନ ଏନ୍ଏସିସ୍ଥିତ ଭିତରଦିଗପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତ୍ରା ହୋତା ଜଣେ ଟ୍ୟୁମର ରୋଗୀ। ସେ ନିଜର ଚିକିତ୍ସା ପାଇଁ କିଛିଦିନ ତଳେ ୧ ଲକ୍ଷ ୧୦ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ ଲାଗି ଆବେଦନ କରିଥିଲେ। ତେବେ କିରାଣି ବିଧୁପ୍ରସାଦ ମାତ୍ର ୨୭ ହଜାର ଟଙ୍କାର ବିଲ୍ କରିଥିଲେ ଏବଂ ଏଥିଲାଗି ୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ସୁଚିତ୍ରା ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇ କିରାଣିଙ୍କ ନାମରେ ଅଭିଯୋଗ କରିଥିଲେ। ବୁଧବାର କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ କଟକ ଏବଂ ଢେଙ୍କାନାଳ ଭିଜିଲାନ୍ସ ଟିମ୍ କର୍ମଚାରୀ ବିଧୁପ୍ରସାଦଙ୍କୁ ଧରିଥିଲେ। କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଭିଜିଲାନ୍ସ ପକ୍ଷରୁ ମାମଲାର ଖୋଳତାଡ଼ ଜାରିରହିଛି।

### ନିର୍ବାଚନ ଅସିଦ୍ଧ ଦାବି: କୋର୍ଟ ଗଲେ ଭାଜପା ପ୍ରାର୍ଥୀ

ଢେଙ୍କାନାଳ ଅଫିସ, ୬।୪

ଢେଙ୍କାନାଳ ପୌର ନିର୍ବାଚନରେ ମାତ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବା ୫ନଂ. ୱାର୍ଡ ଭାଜପା କାଉନ୍ସିଲର ପ୍ରାର୍ଥୀ ରୁଦ୍ରନାରାୟଣ ତ୍ରିପାଠୀ ଫଳାଫଳ ବିରୋଧରେ ବୁଧବାର ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ନିର୍ବାଚନକୁ ଅସିଦ୍ଧ ଘୋଷଣା କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ରୁଦ୍ରନାରାୟଣଙ୍କ କହିବା କଥା, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟଗଣତି ପରେ ତାଙ୍କୁ ୪୦୯ ଏବଂ ପ୍ରତିପକ୍ଷ ତଥା ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର କୁଅଁରଙ୍କୁ ୪୦୬ ଖଣ୍ଡ ଭୋଟ ମିଳିଥିବା ନେଇ ପ୍ରଥମେ ଘୋଷଣା କରାଯାଇଥିଲା। ପରେ ପୁନର୍ବାର ପ୍ରକାଶଙ୍କୁ ୪୦୬ ଏବଂ ତାଙ୍କୁ ୪୦୫ ଭୋଟ ମିଳିଥିବା କୁହାଗଲା। ମତଦାନ ବେଳେ ଶାସକ ଦଳ ଚାପରେ ଭୋଟଗ୍ରହଣ କେନ୍ଦ୍ରରେ ବ୍ୟାପକ ଅନିୟମିତତା ହୋଇଛି। ମୃତବ୍ୟକ୍ତି ଏବଂ ରାଜ୍ୟ ବାହାରେ ଥିବା ବ୍ୟକ୍ତିଙ୍କ ନାମରେ ଭୋଟ ପଡ଼ିଛି। ଏସବୁ ଅନିୟମିତତା ନେଇ ସେ ପିଟିସନ ନଂ. ୧୪୩/୨୨ ଅନୁଯାୟୀ ଜିଲା ଦୌରାଜଜ୍ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

### ୧୬୯ ପ୍ରକଳ୍ପ ପ୍ରଦର୍ଶିତ



**ପରଜଙ୍ଗ, ୬।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗରୁ ମୋଟ୍ ୧୬୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୈଳାସ ଚନ୍ଦ୍ର ପୃଷ୍ଟି, ଗୌରାଙ୍ଗ ବିଶ୍ୱାଳ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ପ୍ରାରମ୍ଭରେ ବିଇଓ ହରିହର ଦେହୁରୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ବିଡିଓ ବିନୋଦ ବେହେରା, ତହସିଲଦାର ଖଗେଶ୍ୱର ପାତ୍ର, ଗଣିତ ଅଧ୍ୟାପକ ପ୍ରଫେସର ସଚ୍ଚିଦାନନ୍ଦ ପ୍ରଧାନ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ।

# ଜିଲାସ୍ତରକୁ ଗଲା ୫ ପ୍ରକଳ୍ପ

ଭୁବନ, ୬।୪(ଡି.ଏନ୍.ଏ.)

ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ବିଜ୍ଞାନମେଳାରେ ମୋଟ୍ ୬୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ସେଥିରୁ ୫ଟି ଜିଲାସ୍ତରକୁ ମନୋନୀତ ହୋଇଛି। ବରିଷ୍ଠ ବର୍ଗରେ ଭୁବନ ସରକାରୀ ବାଳିକା ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ଆରତ୍ରିକା ସାହୁଙ୍କ 'ସେନ୍ସର କଣ୍ଟ୍ରୋଲ ଡ୍ରାଇକ୍ଲିନର', ଅନଳ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଚନ୍ଦନ ସାହୁଙ୍କ 'ହାତ ତିଆରି ଫ୍ରିଜ୍', କନିଷ୍ଠ ବିଭାଗରେ ଭୁବନ ସରକାରୀ ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସାହୁଙ୍କ 'ଉନ୍ନତ ଚଟାଣ ପରିଷ୍କାର ଯନ୍ତ୍ର', ଆଦିପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ଜ୍ୟୋତିରେଖା ସାହୁଙ୍କ 'ଗୋଡ଼ରେ ଘାସକଟା ଯନ୍ତ୍ର', ଦିଘି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ରୀ ମୋନାଲିସା ପରିଡ଼ାଙ୍କ 'ଫ୍ରି ଏନର୍ଜି ମେଶିନ' ବିଚାରକମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ବିଇଓ ପ୍ରତାପ ଶତପଥୀଙ୍କ ଅଧ୍ୟକ୍ଷତାରେ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କୁନି ବୈଜ୍ଞାନିକମାନେ ସମାଜର କର୍ଣ୍ଣଧାର। ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇଥିଲେ। ସଂଯୁକ୍ତାରାଣୀ ନାୟକ, ସଦାନନ୍ଦ ସାହୁ ବିଚାରକ ଥିଲେ। ସିଆର୍ସିସି ଅମରେଶ ଦାସ, ଏବିଇଓ ରାଜଲକ୍ଷ୍ମୀ ଟୁଡୁଙ୍କ ସମେତ ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।




ଜିଲାସ୍ତରକୁ ଚୟନ ହୋଇଥିବା ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଜଳସଙ୍କଟରେ ୩୫ ପରିବାର



ବସ୍ତିର ମହିଳାପୁରୁଷମାନେ ଗରା, ମାଠିଆ ରଖି ୧୪୯ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ପରଜଙ୍ଗ, ୬।୪(ଡି.ଏନ୍.ଏ.)

**ରାସ୍ତାକୁ ଓହ୍ଲାଇଲେ ବସ୍ତିବାସୀ**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ରଙ୍ଗଥଳି ଛକ ନିକଟ ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୫ନଂ.ବସ୍ତିରେ ଜଳସଙ୍କଟ ଉତ୍କଟରୂପ ଧାରଣ କରିଛି। ଏହାର ପ୍ରତିବାଦରେ ବୁଧବାର ବସ୍ତିବାସୀ ହାଣ୍ଡି, ମାଠିଆ ରଖି ରାଜପଥ ଅବରୋଧ କରିଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ବସ୍ତିରେ ୩୫ ପରିବାର ରହୁଛନ୍ତି। ପିଇବା ପାଣି ଯୋଗାଣ ପାଇଁ ୭ମାସ ତଳେ ୨ଟି ବୋରୱେଲ ଖନନ କରାଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହିପରି ସୋଲାର ଶକ୍ତିରେ ପରିଚାଳିତ ନଳକୂପରୁ ବଡ଼କଷ୍ଟରେ ୧୫-୨୦ ମିନିଟ୍ ପାଣି ବାହାରୁଛି। ଜଳସ୍ତର ହ୍ରାସ ପାଇଥିବାରୁ ନଳକୂପରୁ ଠିକ୍ ଭାବେ ପାଣି ବାହାରୁନାହିଁ। ବିଶେଷ କରି ଖରାଦିନେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହାର ସମାଧାନ ହୋଇପାରୁନାହିଁ। ତେଣୁ ଗ୍ରାମବାସୀ ପୂର୍ବାହ୍ନ ୯ଟାରୁ ୨ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ତାଳଚେର-ପାଲଲହଡ଼ାରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିବା ସହ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସୂଚନା ପାଇ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ନଳକୂପ ମରାମତି କରାଯିବ ଏବଂ ଖୁବ୍ଶୀଘ୍ର ବୋରୱେଲ କାର୍ଯ୍ୟକ୍ଷମ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

### କାଜୁ ଶ୍ରମିକଙ୍କୁ ମିଳୁନି ମଜୁରି

ଢେଙ୍କାନାଳ ଅଫିସ, ୬।୪

ଢେଙ୍କାନାଳ ସଦର ବ୍ଲକ ଦାମୋଦରନାଳିର ୧୪୦ କାଜୁ ଶ୍ରମିକଙ୍କ ମଜୁରି ସେମାନଙ୍କ ଖାତାକୁ ଆସି ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ଦାବିରେ କାଜୁ ଚାଷୀ ତପନ ସାହୁ, କାଳିନ୍ଦୀ ବେହେରା ପ୍ରମୁଖ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳରେ ୫୩ ହେକ୍ଟର ଜମିରେ ସବୁଜ ବାହିନୀ ସୃଷ୍ଟି କରାଯାଇଛି। କାଜୁ ବଗିଚାରେ ଶତାଧିକ ଶ୍ରମିକ କାର୍ଯ୍ୟ କରୁଛନ୍ତି। ତେବେ ୨୦୨୧-୨୨ ବର୍ଷରେ ୧୪୦ଜଣ ଶ୍ରମିକଙ୍କ ମଜୁରି ସେମାନଙ୍କ ଖାତାକୁ ଆସିନାହିଁ। ଉକ୍ତ ଶ୍ରମିକମାନେ ଏହି ପ୍ରକଳ୍ପରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିଲେ। ବ୍ୟାଙ୍କ ଆକାଉଣ୍ଟକୁ ପ୍ରାପ୍ୟ ନ ଯିବାରୁ ସେମାନେ କାଜୁ ଚାଷୀଙ୍କୁ ଏ ନେଇ ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ କୁହନ୍ତି, ଆଧାର ଲିଙ୍କ୍‌ରେ ସମସ୍ୟା ଥିବା ଯୋଗୁ କେତେଜଣଙ୍କ ଆକାଉଣ୍ଟକୁ ଟଙ୍କା ଯାଇପାରି ନ ଥିଲା। ବ୍ଲକ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିକଟରୁ ଏହାର ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରିବ। ଏହାକୁ ବାଦ୍‌ଦେଲେ ଉକ୍ତ ପ୍ରକଳ୍ପରେ ଅନ୍ୟ କୌଣସି ସମସ୍ୟା ନ ଥିବା ସେ କହିଛନ୍ତି।

## ବଜ୍ରପାତରେ ଟାଇଲ ଛପର ଭାଙ୍ଗିଲା

**ଛେଣ୍ଡିପଦା,୬।୪:** ଛେଣ୍ଡିପଦା ବ୍ଲକରେ ବୁଧବାର କାଳବୈଶାଖୀ ବେଳେ ଦୁଇଟି ସ୍ଥାନରେ ବଜ୍ରପାତ ହୋଇ କ୍ଷୟକ୍ଷତି ଘଟିଛି। ପାଟକୁମୁଣ୍ଡା ଗ୍ରାମ ଭାଲୁଖାଇଡ଼ିପର ଅନ୍ତଯ୍ୟାମୀ ସାହୁଙ୍କ ମଇଁଷର ମୃତ୍ୟୁ ହୋଇଛି। ସେହିପରି ପାଟକୁମୁଣ୍ଡା ବାଘୁଆବୋଲ ଗ୍ରାମରେ ବଜ୍ରପାତ ଯୋଗୁ ରଞ୍ଜନ ସାହୁଙ୍କ ଏକ ଟାଇଲ ଘର ଭାଙ୍ଗି ଯାଇଛି। ଖବରପାଇ ସରପଞ୍ଚ ସୁପ୍ରଭା ବିଶ୍ୱାଳ ପହଞ୍ଚି ତୁରନ୍ତ କ୍ଷତିପୂରଣ ଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବଇଣ୍ଡା,୬।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ କ୍ଷୋଲପଦା ଯୁକ୍ତ୨ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୭୨ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ନୀରଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅଧାପକ ବିବେକାନନ୍ଦ ବେହେରା ଯୋଗଦେଇ ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ଏ ସମାଜ ସବୁବେଳେ ତତ୍ପର ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ଚକ୍ରଧର ପ୍ରଧାନ, ସୋମନାଥ ଗଡନାୟକ, ପଞ୍ଚାନନ ଗାଇଗରିଆ, ପଞ୍ଚାନନ ସାହୁ ଯୋଗ ଦେଇଥିଲେ। ବଇଣ୍ଡା କଲେଜ ଛାତ୍ରୀ ସୃତିରାଣୀ ବିଶୋଇ ପ୍ରଶିକ୍ଷଣ ଦେଇଥିଲେ। ଅଧାପିକା ସ୍ନେହଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ରାୟ ବାହାଦୂରଙ୍କ ଶ୍ରାଦ୍ଧବାର୍ଷିକୀ

**ଅନୁଗୋଳ ଅଫିସ,୬।୪:** ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଥିଲା ରାୟ ବାହାଦୂର ନନ୍ଦକିଶୋର ଦାସଙ୍କ ପରିକଳ୍ପନା। ରାୟ ବାହାଦୂରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଅନୁଗୋଳ ପୁରୁଣାଗଡ଼ ବଡଦାଣ୍ଡସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥିତ ସମାଧିରେ ଶ୍ରଦ୍ଧାସୁମନ ଅର୍ପଣ କରି ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତବ୍ୟକ୍ତ କରିଛନ୍ତି। ଅନୁଗୋଳ ଜିଲା ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ ସାଂସ୍କୃତିକ ସାମାଜିକ ସେବା ଅନୁଷ୍ଠାନ ମାହାଙ୍ଗା ମୈତ୍ରୀ ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟାଞ୍ଜଳି ମାଝି ମୁଖ୍ୟ ଅତିଥି, ମଞ୍ଚର ସାଧାରଣ ସମ୍ପାଦକ ଅବନା ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସିକତା ମହାନ୍ତି, ଶିକ୍ଷକ କରୁଣାକର ସାହୁ, ଗ୍ରାମ ମୁରବୀ କ୍ଷୀରୋଦ ଚନ୍ଦ୍ର ପଟ୍ଟନାୟକ, ସରପଞ୍ଚ ସତ୍ୟବ୍ରତ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ରଣଜିତ ବେହେରା, ଗ୍ରାମ ରୋଜଗାର ସେବକ ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୬।୪(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର ହଣ୍ଡପା ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ପାଞ୍ଚାଳୀ ବେହେରା, ଅଁଳାବେରଣୀ ଗ୍ରାମର ସୁରେଶ ଚନ୍ଦ୍ର ସେଠୀ, ନଟବର ବେହେରା, ସୋଲଣ୍ଡା ଗ୍ରାମର ସୁଦାମ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ



ଚୋରାରେ ମଦବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗର ଅଧିକାରୀ ବଳବୀର ଗଡନାୟକ ଚଢ଼ାଉ କରିଥିଲେ।

### ଇସ୍କନରେ ଶ୍ରୀରାମ କଥା

**ଅନୁଗୋଳ ଅଫିସ,୬।୪:** ଅନୁଗୋଳସ୍ଥିତ ଇସ୍କନ ମନ୍ଦିର ପ୍ରାଙ୍ଗଣରେ ୩ଦିନ ବ୍ୟାପୀ ରାମ କଥା ଆରମ୍ଭ ହୋଇଛି। ବୃନ୍ଦାବନ ନିବାସୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ଦ୍ୱାରା ଶ୍ରୀରାମଙ୍କ ଅମୃତମୟ ଲୀଳା ଚରିତ ପରିବେଷଣ କରାଯାଇଥିଲା। ଏହି କଥା ବାଲ୍ମିକୀ ରାମାୟଣ ଉପରେ ଆଧାରିତ ଥିଲା। ଆସନ୍ତା ଦୁଇ ଦିନ ଧରି ଏହି କଥା ଚାଲୁ ରହିବ ବୋଲି କେନ୍ଦ୍ରର ମୁଖ୍ୟ ପରିଚାଳକ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି।

### ବେଆଇନ ଜବରଦଖଲ ଉଚ୍ଛେଦ

**କଣିହାଁ,୬।୪(ଡି.ଏନ.ଏ.):** କଣିହାଁ ତହସିଲ ପ୍ରଶାସନ ତରଫରୁ ବୁଧବାର ବଡ଼ତ୍ରିବିଡା ଗ୍ରାମର ସରକାରୀ ଜାଗାରେ ବେଆଇନ ଭାବେ ନିର୍ମିତ ଗୃହଗୁଡିକୁ ଉଚ୍ଛେଦ କରାଯାଇଛି। ତହସିଲଦାର ପତିତପାବନ ଦେବତା କହିଛନ୍ତି, ବେଆଇନ ଦଖଲ ହୋଇଥିଲା। ପୂର୍ବରୁ ନୋଟିସ ସତ୍ତ୍ୱେ କେହି ମାନି ନ ଥିଲେ। ବୁଧବାର ଥାନାଧିକାରୀ କିଶୋର ସାମଲ ଓ ପୋଲିସ ବାହିନୀ ଉପସ୍ଥିତିରେ ବେଆଇନ ଭାବେ ନିର୍ମିତ ୧୦ଟି ଦୋକାନ ଗୃହ ଉଚ୍ଛେଦ କରାଯାଇଛି।



# ଧୁମ୍‌ଧାମରେ ହେଲା ଜନ୍ତାଳ ପର୍ବ

**ତାଳଚେର,୬।୪(ନି.ପ୍ର.)**



ପତିଆରଙ୍କୁ ଦେବୀ ରୂପରେ ପୂଜା କରାଯାଉଛି।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୧୮ ତମ ଲୋକ ମହୋତ୍ସବ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ବୁଧବାର ମା'ଙ୍କ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ପୀଠରେ ଧୁମ୍‌ଧାମରେ ରୀତିନୀତି

**୧୫ରୁ ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ**

ଅନୁସାରେ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ଗତ ୨ ବର୍ଷ ହେଲା ଏହି ପର୍ବ କେବଳ ପରମ୍ପରାରେ ସୀମିତ ରହିଥିଲା। ହେଲେ କଟକଣା ଉଠିଯାଇଥିବାରୁ ଚଳିତବର୍ଷ ମା'ଙ୍କ ଏହି ପର୍ବ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ଅପରାହ୍ନ ୧ଟା ୧୫ରେ ଦେହୁରୀଙ୍କ ଘରୁ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ କୁଟେଇଶୁଣି ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମୁଖ୍ୟପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ବିଧିବିଧାନ ଅନୁଯାୟୀ ପୂଜା କରିଥିଲେ। ଡାକୁଆମାନେ ପତିଆରଙ୍କୁ ନିମନ୍ତ୍ରଣ କରିବା ପରେ ପତିଆର ସ୍ନାନ ସାରି କୁଟେଇଶୁଣି ମଣ୍ଡପକୁ ଯାଇଥିଲେ। ମୁଖ୍ୟ ଦେହୁରୀ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପ୍ରଦାନ କରି ପତିଆରଙ୍କୁ ସ୍ୱାଗତ କରିଥିଲେ। ଏହାପରେ ପତିଆରଙ୍କୁ ଦେବୀ ରୂପରେ ପୂଜା କରାଯାଇଥିଲା। ହରିବୋଲ, ହୁଳହୁଳି ସହ ପାରମ୍ପରିକ ବାଦ୍ୟ ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପତିଆରଙ୍କଠାରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆର୍ବିଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେବା ପରେ ମା'ଙ୍କ ଉଭାସ୍ଥଳୀ ଚିହ୍ନଟ କରାଯିବା ପରମ୍ପରା ରହିଛି। ଏହି କାର୍ଯ୍ୟକ୍ରମରେ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ ମୋହନ ଗଡନାୟକ, ଡିଲେଶ୍ୱର ସାମଲ, କିଶୋର ମହାନ୍ତି, ବାୟା ବାରିକ, ଟିହୁଙ୍କୁଳି ବାରିକଙ୍କ ସମେତ ସେବାୟତମାନେ ସହଯୋଗ କରିଥିଲେ।

## ଜିଲାସ୍ତରକୁ ଯିବ ୬ ପ୍ରକଳ୍ପ

**ଖମାର,୬।୪(ଡି.ଏନ.ଏ.)**

ପାଲଲହାଡ଼ାସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାପୀଠରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ମେଳାରେ ମୋଟ ୯୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇଥିଲେ।

ଅନ୍ୟ ଅତିଥି ଭାବେ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା, ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ନିଜିଗଡ଼ ସରପଞ୍ଚ, ରଘୁନନ୍ଦନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଓ କୃତାର୍ଥ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ବ୍ଲକ ବିଜ୍ଞାନ ସମିତି ଦ୍ୱାରା ଆୟୋଜିତ ଏହି ମେଳାର ସମସ୍ତ ଦାୟିତ୍ୱ ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ନିର୍ବାହ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୬ଟି ଜିଲାସ୍ତରକୁ ମନୋନୀତ ହୋଇଥିଲା।

## ବିଜ୍ଞାନ ପ୍ରତି ଆଗ୍ରହ ବଢ଼ିବା ଆବଶ୍ୟକ



କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ବବିତା ପ୍ରଧାନଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା,୬।୪(ଡି.ଏନ.ଏ.)**

କିଶୋରନଗର ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ ଯୋଗ ଦେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ଆବଶ୍ୟକତା ଥିବାରୁ ଏଥିପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଭୈରବ ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ୪୮ ପ୍ରକଳ୍ପ ସ୍ଥାନ ପାଇଥିଲା। ଗୁରୁ ଗୌରବ, ସରୋଜ ପ୍ରଧାନ, ରିତେଶ ସାହୁ, ଲୁଇରାଣୀ ବିଶାଳ, ସମ୍ଭିତ ସାହୁ, ତନବୀର ସାହୁଙ୍କ ପ୍ରକଳ୍ପ ଜିଲାସ୍ତରକୁ ଚୟନ ହୋଇଥିଲା। ରଣିଆକଟା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ସିଟି ସ୍କୁଲ ଶିକ୍ଷୟିତ୍ରୀ ଶିବାନୀ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଧଉରାପାଲି ସରପଞ୍ଚ ସଞ୍ଜୀବ ସାହୁ, ମୁଖ୍ୟବକ୍ତା ଭାବେ କଲେଜ ଅଧକ୍ଷ ଅକ୍ଷୟ ଦାସ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିନାୟକ ଦେହୁରୀ, ସୁପ୍ରଭା ସାହୁ, ପ୍ରଶ୍ନ ପ୍ରଧାନ, ଜାଗତ ସ୍ୱାଇଁ, ଶୁଭଲକ୍ଷ୍ମୀ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ, ହେମା ଦେଇ ପ୍ରମୁଖ ସହଯୋଗ କରିଥିଲେ।

## ୯୪ ପ୍ରକଳ୍ପ ପ୍ରଦର୍ଶିତ

**ମାଧପୁର,୬।୪**

ଆଠମଲ୍ଲିକମହେନ୍ଦ୍ର ଉଚ୍ଚବିଦ୍ୟାଳୟଠାରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବରାଜ ନାୟକଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ଅଧକ୍ଷ ଆଦିତ୍ୟ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ଅଧାପକ ବ୍ରଜ ଗୋପାଳ ମିଶ୍ର ଯୋଗଦେଇ ବ୍ଲକର ୬୮ଟି ବିଦ୍ୟାଳୟର ୯୪ ଛାତ୍ରୀଛାତ୍ର କରିଥିବା ପ୍ରୋଜେକ୍ଟ ବୁଲି ଦେଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି, ମୁଖ୍ୟ ବକ୍ତା ଭାବେ ଅଧାପକ ଅମ୍ବରିଶ ଷଡଙ୍ଗୀ ଯୋଗଦାନ କରିଥିଲେ। ଛାତ୍ର ସମ୍ୟ ସୁଭାଶିଷ ମିଶ୍ର, ବିଶ୍ୱ ପ୍ରତୀକ ମିଶ୍ର, ହିଟେଶ୍ୱର ଦାସଙ୍କୁ ପୁରସ୍କୃତ କରାଯାଇଥିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## 'ଭାବଗତ ସମ୍ପର୍କ ସ୍କୁଲର ଉନ୍ନତି କରିବ'

**ଅନୁଗୋଳ ଅଫିସ,୬।୪**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବଣ୍ଡଁରପାଳ ବ୍ଲକ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ଓ ମୋ ସ୍କୁଲ ଅଭିଯାନ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ ଯୋଗ ଦେଇଥିଲେ। ସାମାଜିକ ସମୀକ୍ଷା ସମୀକ୍ଷକ ଭାବେ ବଣ୍ଡଁରପାଳ ସିଆର୍‌ସି କିଶୋର ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାମଲ, ପୁରାତନ ଛାତ୍ର ଗୋଷ୍ଠୀ ପ୍ରତିନିଧି କିଶୋର ଚନ୍ଦ୍ର ପ୍ରଧାନ ଓ ଆଦିକନ୍ଦ ସିଂହ ସାମନ୍ତ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଗୋଷ୍ଠୀ ଓ ବିଦ୍ୟାଳୟ ମଧ୍ୟରେ ଏକ ଭାବଗତ ସମ୍ପର୍କ ଯୋଡି ହେଲେ ବହୁମୁଖି ଉନ୍ନତି ସାଧିତ ହୋଇପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ସଭାପତି ଜିତେନ୍ଦ୍ର କୁମାର ମିଶ୍ର, ରାଜକିଶୋର ଦାସ, ଧନେଶ୍ୱର ଦାସ, ପୂର୍ଣ୍ଣ ଚନ୍ଦ୍ର ସିଂ ସାମନ୍ତ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା, ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ





ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

**ଛେଣ୍ଡିପଦା,୬।୪(ସ୍ୱ.ପ୍ର.)**

ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ପ୍ରଶିକ୍ଷକ ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୩୨ ଉଚ୍ଚବିଦ୍ୟାଳୟ, ୫୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୧୧ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର କରିଥିବା ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ମଧୁସ୍ମିତା ନନ୍ଦ ଓ ମୁଖ୍ୟ ବକ୍ତା ଭାବେ ବାପୁଜୀ ମହାବିଦ୍ୟାଳୟ ପ୍ରଧାପକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଭାକର ଗଡନାୟକ ଯୋଗ ଦେଇଥିଲେ। ଛାତ୍ରୀ ସୁନିତା ବେହେରା, ଦେବଜାନୀ ସାହୁ, ପ୍ରଜ୍ଞାପରିମିତା ବେହେରା, ରାଜଲକ୍ଷ୍ମୀ ପାତ୍ର, ଛାତ୍ର ଶୁଭମ ସାହୁ, ପ୍ରିୟାଂଶୁ ପ୍ରଧାନ ଜିଲାସ୍ତରୀୟ ମେଳାକୁ ମନୋନୀତ ହୋଇଥିଲେ। ବାଲିପଟା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଋଷଭ ସାହୁ, ଛେଣ୍ଡିପଦା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ସିଆର୍‌ସିସି ବ୍ରଜ କିଶୋର ପ୍ରଧାନ, ସମସ୍ତଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ଲାଷ୍ଟିକ ବ୍ୟବହାର ହ୍ରାସ କର



ବ୍ଲକସ୍ତରୀୟ ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଣିହାଁ,୬।୪(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ସତ୍ୟନାରାୟଣ ପରିଡ଼ା, ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଅତିରିକ୍ତ ବିଇଓ ମଙ୍ଗୁଲୁ ଚରଣ ପ୍ରଧାନ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଳ, ମୁଖ୍ୟବକ୍ତା ଭାବେ ଅଧାପକ ଯାଦବ ସାହୁ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ସ୍ୱଳ୍ପତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ସାହୁ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବିଇଓ ଖଗେଶ୍ୱର ବେହେରା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦାଶରଥି ଜେନା ସଭାପତିତ୍ୱ ଓ ସିଦ୍ଧି ପ୍ରସାଦ ସାହୁ ସଭା ପରିଚାଳନା କରିଥିଲେ।

## ଛାତ୍ରୀ ନିବାସ ଭିତ୍ତିପ୍ରସ୍ତର

**ଅନୁଗୋଳ ଅଫିସ,୬।୪**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଛାତ୍ରୀ ନିବାସ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବୁଧବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ପୌରପରିଷଦ ନଗରପାଳ ଅକ୍ଷୟ କୁମାର ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ନାୟକ ଓ ମହାବିଦ୍ୟାଳୟ ଅଧକ୍ଷ ଡ. ଗଙ୍ଗାଧର କର ଉପସ୍ଥିତ ଥିଲେ। ଛାତ୍ରୀ ନିବାସ ନିର୍ମାଣ ପରେ ଛାତ୍ରୀମାନଙ୍କ ମୌଳିକ ଅସୁବିଧା ଦୂର ହୋଇପାରିବ ବୋଲି ବିଧାୟକ କହିଛନ୍ତି।



## ସିଡିପିଓ, ସରପଞ୍ଚ ନେବେ ତାଲିମ

**ଅନୁଗୋଳ ଅଫିସ,୬।୪**

**ବାଲ୍ୟ ବିବାହ ନିଷେଧ ଟାସ୍କଫୋର୍ସ କମିଟି ବୈଠକ**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲା ବାଲ୍ୟ ବିବାହ ନିଷେଧ ଓ ବେଟି ବଚାଓ ବେଟି ପଢ଼ାଓ ଟାସ୍କଫୋର୍ସ କମିଟି ବୈଠକ ବୁଧବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧିକ ବାଲ୍ୟ ବିବାହ ହେଉଥିବା ପଞ୍ଚାୟତକୁ ଠାବ କରି ସେଠାକାର ଜନପ୍ରତିନିଧିମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲ୍ୟବିବାହ ହେଲେ ଥାନାରେ ଅଭିଯୋଗ କରିବାକୁ କୁହାଯାଇଥିଲା। ବାଲ୍ୟ ବିବାହ ସମ୍ପର୍କରେ ୱାର୍ଡସଭ୍ୟମାନେ ପ୍ରଶାସନକୁ ଜଣାଇବେ। ଖୁବ୍‌ଶୀଘ୍ର ସମସ୍ତ ସିଡିପିଓ, ସରପଞ୍ଚ ଓ ଗାଁ କଲ୍ୟାଣ ସମିତିକୁ ତାଲିମ ପ୍ରଦାନ କରାଯିବ। କମ୍ ବୟସର ଗର୍ଭବତୀଙ୍କ ସମ୍ପର୍କରେ ଡିପିଏମ୍ ଏନ୍‌ଏଚ୍‌ଏମ୍ ତଥ୍ୟ ପ୍ରଦାନ କରିବେ। ସେହି ତଥ୍ୟକୁ ଭିତ୍ତିକରି ସମାଜ ମଙ୍ଗଳ ଅଧିକାରୀ ହିତାଧିକାରୀଙ୍କୁ ରାଶନ କିଟ୍ ପ୍ରଦାନ କରିବେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ରୋକିବାକୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବାଲ୍ୟବିବାହ ସ୍ଥିତି ଉପରେ ଏଲ୍‌ପିଓ ପ୍ରଦୀପ ନାୟକ ପାୱାର ପାଏଣ୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ୨୦୨୧ ବର୍ଷରେ ଜିଲାରେ ଦଶମ ଶ୍ରେଣୀରେ ଅଧିକ ନମ୍ବର ରଖିଥିବା ୧୦ ଛାତ୍ରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡିଆଇପିଆର୍‌ଓ ଦୁଃଖବନ୍ଧୁ ମାଝି, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବାରୁଆ, ଜିଲା ମଙ୍ଗଳ ଅଧିକ୍ୟାରୀ ସନ୍ଧ୍ୟା ମାଝି, ଡିଏସ୍‌ପି ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଉପରେ ଗୁରୁତ୍ୱ



ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ ଅଫିସ,୬।୪**

ଅନୁଗୋଳ ଜିଲା ଏଡ୍‌ସ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟି ବୈଠକ ବୁଧବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରା ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗର୍ଭବତୀ ମହିଳାମାନେ ୩ ମାସରେ ଥରେ ଏଚ୍‌ଆଇଭି ଓ ଯୌନବ୍ୟାଧି ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା ଏଡ୍‌ସ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟିର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡା. ପ୍ରମିଳା ହୋତା ଜିଲାରେ ଏଡ୍‌ସର ସ୍ଥିତି ଓ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାରେ ୨୦୦୩ ମସିହାରୁ ଆଜି ପର୍ଯ୍ୟନ୍ତ ୬ ଲକ୍ଷ ୫୨ ହଜାର ୧୪୫ ଜଣଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ସମୁଦାୟ ୨୨୧୫ ଜଣଙ୍କ ପଜିଟିଭ୍ ବାହାରିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଏଡିପିଏଚ୍‌ଓ (ଯକ୍ଷ୍ମା) ଡା. ବିଶ୍ୱ ବିହାରୀ ମହାନ୍ତ, ଏଡିପିଏଚ୍‌ଓ (ପରିବାର ମଙ୍ଗଳ) ଡା. ଦିଲୀପ ପଟ୍ଟନାୟକ, ଡିପିଏମ୍ (ଏନ୍‌ଏଚ୍‌ଏମ୍) ଦୀପକ ମହାନ୍ତିଙ୍କ ସମେତ ବିଭିନ୍ନ ଶିଳ୍ପସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ।

## 'ଅଳ୍ପ ଖର୍ଚ୍ଚରେ ମିଳିବ ଅଧିକ ଲାଭ'

**ଅନୁଗୋଳ ଅଫିସ,୬।୪**

ଅନୁଗୋଳ ଜିଲା ଠାକୁରଗଡ଼ ଚେରଖଣ୍ଡି ଗ୍ରାମଠାରେ ଅନୁସୂଚିତ ଜାତି ଉପଯୋଜନା ଅନ୍ତର୍ଗତ ଉନ୍ନତ କୃଷି ଯନ୍ତ୍ରପାତି ଏବଂ ପ୍ରାକୃତିକ କୃଷି ସମ୍ବନ୍ଧୀୟ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ

**ପ୍ରାକୃତିକ କୃଷି ସମ୍ବନ୍ଧୀୟ କୃଷକ ମେଳା**

ପଶୁଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷିବିଜ୍ଞାନ କେନ୍ଦ୍ର ଅନୁଗୋଳ ମିଳିତ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପ୍ରକଳ୍ପ ତରଫରୁ ବିକଶିତ ବିଭିନ୍ନ ଯନ୍ତ୍ରପାତି, ଉନ୍ନତ ଜୁଆଳି, ବଳଦଟଣା ମୋଡପତ୍ର ଲଙ୍ଗଳ, କାଦୁଅ କରିବା ଯନ୍ତ୍ର, ପାଞ୍ଚ ଧାଡ଼ିଆ ବିବିଧ ମଞ୍ଜି, ସାର ବୁଣା ଯନ୍ତ୍ର ଆଦି ପ୍ରଦର୍ଶନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ନିମନ୍ତ୍ରିତ ଶତାଧିକ ଅଗ୍ରଣୀ ଚାଷୀଙ୍କ ସହ ସ୍ଥାନୀୟ ସରପଞ୍ଚ ଚାରୁବାଳା ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ବିକଶିତ ବିଭିନ୍ନ ଯନ୍ତ୍ର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଯନ୍ତ୍ରପାତି ବ୍ୟବହାର ଦ୍ୱାରା କମ୍ ଖର୍ଚ୍ଚ, କମ୍ ସମୟ ଏବଂ ଅଳ୍ପ ପରିଶ୍ରମ କରି ଚାଷୀମାନେ ଲାଭବାନ ହୋଇପାରିବେ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଦେବାଶିଷ ମିଶ୍ର ଚାଷୀମାନଙ୍କୁ ବୁଝାଇଥିଲେ। ଜୈବିକ କୃଷି ଉପରେ ଗୁରୁତ୍ୱ ଦେବାକୁ କେନ୍ଦ୍ରର କ୍ଷେତ୍ର ବିଜ୍ଞାନୀ ତୀର୍ଯ୍ୟକ୍ କୁମାର ସାମନ୍ତ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ବୈଜ୍ଞାନିକ ଧରିତ୍ରୀ ପାତ୍ର, ଜ୍ଞାନ ରଞ୍ଜନ ସାହୁ, ଡା. ମୋନାଲିସା ବେହେରା, ଡ. ଇପ୍ସିତା ମିଶ୍ର ଏବଂ ଋତୁପର୍ଣ୍ଣା ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ। ଅଗ୍ରଣୀ କୃଷକ ଲମ୍ବୋଦର ବେହେରା କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ବୈଜ୍ଞାନିକମାନେ।

